## ବାଇକ ଦୁର୍ଘଟଣାରେ ଜଣେ ମୃତ

ଛତ୍ରପୁର,(ଡି.ଏନ୍.ଏ.): ଚମାଖଣ୍ଡି ଥାନା ଅଧୀନ ତେରବସା ରାସ୍ତା ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ କୋଦଳା ଥାନା ଅଞ୍ଚଳର ଲୋଚନ ପ୍ରଧାନ। ବାଇକ୍ ଚାଳକଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବାଇକ୍‌ରେ ଏହି ୨ ଜଣ ଗୋପାଳପୁର ବେଳାଭୂମି ଆଡ଼େ ଯାଉଥିବା ବେଳେ ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ବାଇକ୍ ପଛରେ ବସିଥିବା ଲୋଚନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଚମାଖଣ୍ଡି ଥାନାଅଧିକାରୀ ସିତାଂଶୁ ଶେଖର ମାନ୍ଧାତା ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏ ନେଇ ନଂ.୧୧୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଶହେ ଛୁଇଁବ ପେଟ୍ରୋଲ, ଡିଜେଲ

ବ୍ରହ୍ମପୁର ଅଫିସ,୧୪।୬

ଲକ୍‌ଡାଉନ୍ ସମୟରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ସାଧାରଣ ଗ୍ରାହକଙ୍କ ନିମନ୍ତେ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଅନ୍ୟପଟେ ଲକ୍‌ଡାଉନ୍ ଯୋଗୁ ସହରର ବହୁ ପମ୍ପ ମାଲିକ ବର୍ତ୍ତମାନ ବ୍ୟବସାୟରେ କ୍ଷତି ସହୁଛନ୍ତି। ଯଦ୍ୱାରା ନିର୍ଦ୍ଧାରିତ ସମୟ ପୂର୍ବରୁ ସହରର ସମସ୍ତ ପମ୍ପ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ସହରରେ ଥିବା ପମ୍ପ ମାଲିକଙ୍କଠାରୁ ହସ୍ତଗତ ହୋଇଥିବା ସୂଚନା ମୁତାବକ, ଗତ ଶନିବାର ମହାନଗରରେ ପେଟ୍ରୋଲ ଲିଟର ପିଛା ୭୬ ପଇସା ଓ ଡିଜେଲ ଲିଟର ପିଛା ୨୫ ପଇସା ବୃଦ୍ଧି ପାଇଛି। ଯାହାକି ବର୍ତ୍ତମାନ ପେଟ୍ରୋଲ ଦର ୯୮.୨୧ ପଇସା ଓ ଡିଜେଲ ୯୬.୮ ପଇସା ରହିଛି। ଗତ ମାସକ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୪.୧୨ ପଇସା ଓ ଡିଜେଲ ୪.୭୯ ପଇସା ବୃଦ୍ଧି ପାଇଛି। ମେ ୧୩ରେ ପେଟ୍ରୋଲ ୯୪ ଟଙ୍କା ଏବଂ ଡିଜେଲ ୯୧.୨୯ ପଇସା ରହିଥିଲା। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ସହର ସମେତ ଉପକଣ୍ଠରେ ମୋଟ ୧୨ରୁ ୧୫ ପମ୍ପ ରହିଛି। କିନ୍ତୁ ଲକ୍‌ଡାଉନ୍ ପରଠୁ ସମସ୍ତ ପମ୍ପ ବହୁ କ୍ଷତି ସହୁଛନ୍ତି। ୬ ମାସ ପୂର୍ବରୁ ଅର୍ଥାତ ଜାନୁୟାରୀ ସୁଦ୍ଧା ଯେତେବେଳେ ପେଟ୍ରେଲ ଲିଟର ପିଛା ଦର ୮୫.୬୮ଟଙ୍କା ଓ ଡିଜେଲ ୮୧.୭୪ଟଙ୍କା ରହିଥିଲା। ସେହି ସମୟରେ ନିୟମିତ ଭାବେ ଟାଙ୍କିକୁ ଗାଡ଼ି ଆସୁଥିଲା। କିନ୍ତୁ ବର୍ତ୍ତମାନ ଦୁଇଦିନରେ ଥରେ ଗାଡ଼ି ଆସୁଛି। ପୂର୍ବରୁ ସହରରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ମାସକୁ ୩ ଲକ୍ଷ ଲିଟର ପେଟ୍ରୋଲ, ଏକ୍ସଟ୍ରା ପ୍ରିମିୟମ୍ ୫୦ ହଜାର ଲିଟର ଏବଂ ଡିଜେଲ ୧ ଲକ୍ଷ ୧୦ ହଜାର ଲିଟର ବିକ୍ରି ହେଉଥିଲା। କିନ୍ତୁ ମେ ମାସରେ ସହରରେ ପେଟ୍ରୋଲ ୧୨୦ କେଏଲ୍(କିଲୋ ଲିଟର),ଏକ୍ସଟ୍ରା ପ୍ରିମିୟମ୍ ୨୦ କେଏଲ୍ ଓ ଡିଜେଲ ମାତ୍ର ୫୦ରୁ ୬୦ କେଏଲ୍ ବିକ୍ରି ହେଉଥିବା ବହୁ ପମ୍ପ ମାଲିକ ପ୍ରକାଶ କରିଛନ୍ତି।



ପେଟ୍ରୋଲ ପମ୍ପ।

- ଦର ବୃଦ୍ଧି ନେଇ ଗ୍ରାହକଙ୍କ ଅସନ୍ତୋଷ
- କ୍ଷତି ସହୁଛନ୍ତି ପେଟ୍ରୋଲ ପମ୍ପ ମାଲିକ

### ସେମାନେ ଯାହା କୁହନ୍ତି


"ଲକ୍‌ଡାଉନ୍ ସମୟରେ ବ୍ୟବସାୟରେ ମାନ୍ଦାବସ୍ଥା ଦେଖାଦେଇଛି। ପୂର୍ବରୁ ଯାହା ବ୍ୟବସାୟ ରହିଥିଲା ବର୍ତ୍ତମାନ ତାହା ୭୦ ପ୍ରତିଶତ ହ୍ରାସ ପାଇଛି। ଫଳରେ ବ୍ୟବସାୟରେ ବିଶେଷ ପ୍ରଭାବ ପକାଇବା ସହ କ୍ଷତି ମଧ ସହିବାକୁ ପଡୁଛି।
- ବନମାଳୀ ସେଠୀ, ଖୋଡ଼ାସିଙ୍ଗି ପେଟ୍ରୋଲ ପମ୍ପ ମାଲିକ


"ନିୟମିତ ତୈଳ ଦର ବୃଦ୍ଧି ହେତୁ ବାହାରକୁ ଗାଡ଼ି ଧରି ବାହାରିବାକୁ ଡର ଲାଗୁଛି। କିନ୍ତୁ କାମ ନ କଲେ ପରିବାର କେମିତି ଚଳିବ? ଅନ୍ୟପଟେ ପେଟ୍ରୋଲ ଦର ବୃଦ୍ଧି କାରଣରୁ ସଞ୍ଚୟ ମଧ ହୋଇପାରୁନାହିଁ। ପୂର୍ବରୁ ଯେଉଁଠି ୧୦୦ଟଙ୍କା ପେଟ୍ରୋଲରେ ଦିନ ତମାମ କାମ ଚଳୁଥିଲା। ବର୍ତ୍ତମାନ ପରିସ୍ଥିତି ଓଲଟା।
- ସିଦ୍ଧେଶ୍ୱର ପାଣିଗ୍ରାହୀ, ଗ୍ରାହକ


"ନିହାତି ଜରୁରୀ ନ ପଡ଼ିଲେ ଗାଡ଼ି ଧରି ବାହାରକୁ ବାହାରିବାକୁ ଭୟ ଲାଗୁଛି। ଲିଟର ୯୮ଟଙ୍କା ମାନେ କିଛି କମ୍ କଥା ନୁହଁ। ଗରିବ ଲୋକଙ୍କ ବିଷୟରେ ଚିନ୍ତା କରିବା ବେଳେ ଭୟ ଲାଗୁଛି। ଦିନକର ଖର୍ଚ୍ଚ ତେଲରେ ବାହାରି ଯାଉଛି।
- ଗାୟତ୍ରୀ ନାୟକ, ଗ୍ରାହକ

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ



ବ୍ରହ୍ମପୁର ଅଫିସ/କୁକୁଡ଼ାଖଣ୍ଡି,୧୪।୬: ବ୍ରହ୍ମପୁର ସଦର ଥାନା ପୋଲିସ ସୋମବାର ପୃଥକ ଭାବେ ୨ଟି ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ଓ ଦେଶୀ ମଦ ଜବତ କରିଛି। ଏ ସଂକ୍ରାନ୍ତରେ ୨ ଜଣଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ହେଲେ ଭାବିନିପୁର ଗ୍ରାମର ବବି ଦାସ (୪୫) ଓ ଟି .କମାଗାଁର ବୁଲୁ ସାହୁ (୪୧)। ସେମାନଙ୍କ ନିକଟରୁ ୫୦ ବିୟର ବୋତଲ, ୨୨ ହ୍ୱିସ୍କି ଓ ୨୧୦ ଦେଶୀ ମଦ ପାଉଚ ଜବତ କରିଛି। ଉଭୟ ଅଭିଯୁକ୍ତଙ୍କୁ ମାମଲା ନଂ ୧୮୮/୨୧ ଓ ୧୮୯ /୨୧ରେ କୋର୍ଟ ଚାଲାଣ କରାଯାଇଛି ବୋଲି ସେ କହିଛନ୍ତି।

### ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ କାର୍ଯ୍ୟକର୍ତ୍ତା ବୈଠକ

ବ୍ରହ୍ମପୁର ଅଫିସ୍,୧୪।୬: ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ କାର୍ଯ୍ୟକର୍ତ୍ତାମାନଙ୍କ ଏକ ବୈଠକ ରବିବାର ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର ପ୍ରତିଷ୍ଠାତା କମଳାକାନ୍ତ ଦାଶ ମହାରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ୍ୟ କୃଷି ବିଭାଗର ଉପଦେଷ୍ଟା ତଥା ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇ କୋଭିଡ୍ ମହାମାରୀ ସଂପର୍କରେ ନିଜର ମନ୍ତବ୍ୟ ରଖିଥିଲେ। ସେହିପରି ବ୍ରହ୍ମପୁର ପୂର୍ବତନ ବିଧାୟକ ତଥା ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗ ଦେଇଥିଲେ। କାର୍ଯ୍ୟକର୍ତ୍ତା ମାନେ ନିଜ ନିଜ ବିଦ୍ୟାଳୟର ସମସ୍ୟା ଉପସ୍ଥାପନ କରିଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟରେ ଅଭିଭାବକମାନେ ମାସିକ ଦେୟ ନ ଦେବା କାରଣରୁ ଅନୁଷ୍ଠାନ ଚଳାଇବା କଷ୍ଟସାଧ୍ୟ ହୋଇପଡ଼ିଛି ବୋଲି ପ୍ରକାଶ କରିଥିଲେ। ତେଣୁ ଶିଶୁ ମନ୍ଦିର ପ୍ରଶିକ୍ଷିତ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ପୂର୍ଣ୍ଣ କାଳୀନ ସହାୟତା, ବିଦ୍ୟାଳୟ ପରିଚାଳନା କମିଟିକୁ ସହରକାରୀ ଏନ୍‌ଓସିରୁ ରିହାତି ପ୍ରଦାନ କରାଯାଇ ସରକାରୀ ପାଠ୍ୟ ପୁସ୍ତକ ପ୍ରଦାନ ପାଇଁ ସଂସ୍ଥାନର ସଭାପତି ପଦ୍ମନାଭ ପଣ୍ଡା ବିଧାୟକଙ୍କୁ ଅନୁରୋଧ କରିଥିଲେ। ସମସ୍ତ ସମସ୍ୟା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ପ୍ରକାଶ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

### ୩୬ ସଂକ୍ରମିତ ଚିହ୍ନଟ

ପାରଳାଖେମୁଣ୍ଡି,୧୪।୬(ଡି.ଏନ୍.ଏ.): ଗଜପତି ଜିଲାରେ ପୁଣି ରବିବାର ୯୧୯ ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେଥିରୁ ୩୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୮୪୬ରେ ପହଞ୍ଚି ଥିବା ବେଳେ ୮୫୫୮ ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ସଦର ମହକୁମାରେ ୭, ଗୋଷାଣୀ ବ୍ଲକରୁ ୧୨, ଗୁମ୍ମା ବ୍ଲକରୁ ୪, କାଶୀନଗର ବ୍ଲକରୁ ୬, ମୋହନା ବ୍ଲକରୁ ୨, ନୂଆଗଡ଼ ବ୍ଲକରୁ ଜଣେ, ରାୟଗଡ ବ୍ଲକରୁ ୪ ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୪୪ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ମାସ୍କ, ସାନିଟାଇଜର ବାଣ୍ଟିଲେ ବିଧାୟକ

ଜି.ଉଦୟଗିରି,୧୪।୬(ଡି.ଏନ୍.ଏ.): ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ବିଭିନ୍ନ ସ୍ଥାନରେ ସାନିଟାଇଜର, ମାସ୍କ ବଣ୍ଟନ କରିଥିବା ବେଳେ ସୋମବାର ସ୍ଥାନୀୟ ଟାଉନ ହଲ୍‌ଠାରେ କରୋନା ଯୋଦ୍ଧା ଭାବେ ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀମାନଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରିଛନ୍ତି। ଏହି ବଣ୍ଟନ ଉତ୍ସବରେ ତହସିଲଦାର ଜନ୍ମେଞ୍ଜୟ ସାହୁ, ବିଡିଓ ବିଜୟ କୁମାର ପ୍ରଧାନ, ଜି.ଉଦୟଗିରି ଚିକିତ୍ସା ଅଧିକାରୀ ଶକ୍ତିକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।

### କରୋନା ସଚେତନତା ରାଲି

ବାଲିଗୁଡ଼ା,୧୪।୬(ଡି.ଏନ.ଏ.): ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକର ସାରଙ୍ଗଡ଼ ପଞ୍ଚାୟତରେ କରୋନା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ସମିତିର ମିଳିତ ଉଦ୍ୟମରେ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ହାତରେ କରୋନା ସଚେତନତା ପ୍ଲାକାର୍ଡ ସହ ବ୍ୟାନର ଧରି ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ମା' ପାଟଖଣ୍ଡା ପାଞ୍ଚ ବନ୍ଧୁ ସମାଜ, ସ୍ୱାସ୍ଥ୍ୟକର୍ମୀ, ସରକାରୀ କର୍ମଚାରୀଙ୍କ ସମେତ ଶିକ୍ଷକ ରାକେଶ କୋଠଦଳାଇ, ଡମ୍ବୁରଧର ପାତ୍ର, ଦେବରାଜ ପାତ୍ର, ସହଦେବ ପାତ୍ର, ଜୟସେନ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ସର୍ଭେରେ ସୀମିତ ବ୍ରହ୍ମପୁର ସ୍ୱେରେଜ ଯୋଜନା

ବ୍ରହ୍ମପୁର ଅଫିସ,୧୪।୬

ବର୍ଷା ହେଲେ ରେଶମ ସହର ବ୍ରହ୍ମପୁର ଚିତ୍ର ବଦଳି ଯାଉଛି। ପାଣି ଦ୍ରୁତ ନିଷ୍କାସନ ହୋଇନପାରି ସମସ୍ୟା ବଢୁଛି। ଡ୍ରେନ୍ ଅବସ୍ଥା ଶୋଚନୀୟ ହୋଇଯାଇଛି। ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ବର୍ଷା ପାଣି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ମହାନଗର ନିଗମ ପକ୍ଷରୁ ଆଖି ବୁଜି ଦିଆଯାଇଛି। ପୌର ପରିଷଦରୁ ପୌର ନିଗମରେ ପରିଣତ ହେବାର ୧୨ ବର୍ଷ ବିତିଛି। ସହର ଭିତରେ ଥିବା ୧୮୧ କି.ମି.କଚ୍ଚା ବା ମାଟି ଡ୍ରେନ୍ ପକ୍କା କରାଯାଉ ନ ଥିବାରୁ ମୌସୁମୀ ଋତୁରେ ସ୍ଥିତି ଅସମ୍ଭାଳ ହୋଇଯାଉଛି।

୨୦୦୯ ବର୍ଷ ଆରମ୍ଭ ଦିନ ବ୍ରହ୍ମପୁର ପୌର ସଂସ୍ଥାକୁ ରାଜ୍ୟ ସରକାର ମ୍ୟୁନିସିପାଲ କର୍ପୋରେଶନ ଭାବେ ଘୋଷଣା କରିଥିଲେ। ଏହାର ବର୍ଷକ ପରେ ରେଶମ ନଗରୀରେ ସ୍ୱରେଜ ଯୋଜନା କାର୍ଯ୍ୟକାରୀ କରାଯିବାର ତତ୍କାଳୀନ ନିଗମ ପରିଷଦ ପକ୍ଷରୁ ଚିନ୍ତା କରାଗଲା। ଏହାଦ୍ୱାରା ୱାର୍ମ ୱାଟର ବା ବର୍ଷା ଜଳ ନିଷ୍କାସନ ବାଟ ଫିଟିବାର ଆଶା କରାଯାଇଥିଲା। ୨୦୧୧ରେ ଏଥିପାଇଁ ସହରାଞ୍ଚଳରେ ସର୍ଭେ କରାଗଲା। ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଗଲା। ସେହି ସଂସ୍ଥା ସବୁ ୱାର୍ଡର ସାହିବସ୍ତି ଓ ଗଳିକନ୍ଦିରେ ସର୍ଭେ କରି ଚୂଡ଼ାନ୍ତ ରିପୋର୍ଟ ବିଏମ୍‌ସି ଓ ନଗର ଉନ୍ନୟନ ବିଭାଗରେ ଦାଖଲ କରିଥିଲା।

ପ୍ରସ୍ତାବିତ ସ୍ୱରେଜ ଯୋଜନା ପାଇଁ ହୋଇଥିବା ସର୍ଭେର ଏବେ ୧୦ ବର୍ଷ ପୂରିଛି। ରିପୋର୍ଟ ବିଡ଼ା ବାନ୍ଧି ପକାଇ ଦିଆଯାଇଛି। ଏହି ସମୟ ମଧ୍ୟରେ ଦୁଇ ନିର୍ବାଚିତ ପରିଷଦ କାର୍ଯ୍ୟକାଳ ସରିଛି। ୫ ଜଣ କମିଶନର ବଦଳିଛନ୍ତି। ତେବେ ସ୍ୱରେଜ ଯୋଜନା ସର୍ଭେରେ ଅଟକି ଯାଇଛି। ବ୍ରହ୍ମପୁର ବିକାଶ ଦାୟିତ୍ୱ ନିଜେ ମୁଖ୍ୟମନ୍ତ୍ରୀ ନେଇଥିବା ପୌର ନିର୍ବାଚନ ବେଳେ ଘୋଷଣା ହୋଇଛି। ତେଣୁ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ୟାକେଜ ଦ୍ୱାରା ଦୀର୍ଘବର୍ଷରୁ ପ୍ରସ୍ତାବିତ ଯୋଜନା କାର୍ଯ୍ୟକାରୀ କରାଯିବାକୁ ବିଭିନ୍ନ ମହଲରୁ ଗୁରୁତ୍ୱ ଦିଆଯାଇଛି।

## ଶ୍ରୀନଗରରେ କନ୍ଧମାଳର ଯବାନ ଶହୀଦ

ରାଇକିଆ,୧୪।୬(ଡି.ଏନ.ଏ.)

କନ୍ଧମାଳ ଜିଲା ରାଇକିଆ ବ୍ଲକ ଅଞ୍ଚଳର ଜଣେ ଯବାନ ସୋମବାର ଶ୍ରୀନଗରରେ ଶହୀଦ ହୋଇଛନ୍ତି। ସେ ହେଲେ ପେଟାପାଙ୍ଗା ପଞ୍ଚାୟତ ବାଘରମା ଗ୍ରାମର ସଞ୍ଜୟ କୁମାର ପ୍ରଧାନ। ସଞ୍ଜୟ ଆର୍ମି ବିହାର ରେଜିମେଣ୍ଟରେ ଯବାନ ଭାବେ କାର୍ଯ୍ୟ କରୁଥିଲେ। କେଉଁଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ମଙ୍ଗଳବାର ସଞ୍ଜୟଙ୍କ ପାର୍ଥୀବ ଶରୀର ନିଜ ଗ୍ରାମରେ ଆସି ପହଞ୍ଚିବ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ପରିବାର ସହିତ ରାଇକିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।


ସଞ୍ଜୟ କୁମାର ପ୍ରଧାନ

## ସିଟି ମହାବିଦ୍ୟାଳୟରେ ବିଶ୍ୱ ରକ୍ତଦାତା ଦିବସ

ବ୍ରହ୍ମପୁର ଅଫିସ,୧୪।୬

ବ୍ରହ୍ମପୁର ସିଟି ମହାବିଦ୍ୟାଳୟ ଏନ୍‌ସିସି ପକ୍ଷରୁ ସୋମବାର ବିଶ୍ୱ ରକ୍ତଦାତା ଦିବସ ଅବସରରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ଡ.ଦିଲୀପ କୁମାର ପାତ୍ର ଅଧକ୍ଷତା କରିଥିଲେ। ୱେବିନାରରେ ରେଡକ୍ରସ ଜିଲା ସମ୍ପାଦକ ମନୋରଞ୍ଜନ ମହାରଣା ମୁଖ୍ୟଅତିଥି ଏବଂ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣଲତା ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରକ୍ତଦାନ ସମ୍ପର୍କିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହାସହ ଏନ୍‌ସିସି କ୍ୟାଡେଟଙ୍କ ମଧ୍ୟରେ ରକ୍ତଦାନ ସମ୍ବନ୍ଧୀୟ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅତିଥି ତଥା ଅଧ୍ୟାପିକା ଅଧ୍ୟାପକମାନେ ରକ୍ତଦାନର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହ ଯୁବ ପିଢ଼ିଙ୍କୁ ରକ୍ତଦାନ ନିମନ୍ତ ଆହ୍ୱାନ ଦେଇଥିଲେ। ଏନ୍‌ସିସି ଅଧିକାରୀ ଲ୍ୟୁଟେନାଣ୍ଟ ମେଘନାଦ ପ୍ରଧାନ,ଏନ୍‌ଏସ୍‌ଏସ୍ ଅଫିସର ସୁଦାମ ଚରଣ ବିଷୋୟୀ, ୱାଇଆର୍‌ସି ପ୍ରଦୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫିକା ପଡ଼ିଲା ରଜ ମଉଜ

ବ୍ରହ୍ମପୁର ଅଫିସ,୧୪।୬

ଗତବର୍ଷ ଭଳି ଚଳିତ ବର୍ଷ ମଧ ସହରରେ ନିରାଡ଼ମ୍ବର ଭାବେ ପାଳିତ ହେଉଛି ରଜ ପର୍ବ। ରଜରେ ଝିଅମାନେ ସାମୂହିକ ଭାବେ ସଜବାଜ ହୋଇ ଗୀତ ଗାଇ ରଜ ପାଳନ୍ତି ଏବଂ ପୁଚି ଖେଳିବା ପରମ୍ପରା ରହିଛି। କିନ୍ତୁ କରୋନା ମହାମାରୀ କାରଣରୁ ଗତବର୍ଷ ଭଳି ଚଳିତ ବର୍ଷ ମଧ ପ୍ରତ୍ୟେକ ପର୍ବ ପର୍ବାଣି ପାଳନ ଉପରେ କଟକଣା ଲାଗିଛି। ସୋମବାର ସହରରେ ପହିଲି ରଜ ଅବସରରେ ଘରେ ଘରେ କୁଆଁରୀମାନେ ଦୋଳିବାନ୍ଧି ଖେଳୁଥିବା ଦେଖିବାକୁ ମିଳିଥିଲା। ସାମୂହିକ ରଜ ପାଳିବା ସମ୍ଭବ ହେଉ ନ ଥିବାରୁ ନିଜ ଘରେ ଝିଅମାନେ ବିଭିନ୍ନ ପ୍ରକାର ସଜବାଜ ହୋଇ ନୂତନ ବସ୍ତ୍ର ପରିଧାନ କରି ରଜ ଦୋଳି ଖେଳୁଥିବା ଦେଖିବାକୁ ମିଳିଥିଲା। ମା'ମାନେ ପିଠାପଣା କରିଥିଲେ ସୁଦ୍ଧା ଚଳିତ ବର୍ଷ ମିଠା ପାନ ସ୍ୱାଦକୁ ଅଧିକାଂଶ କୁଆଁରୀ ମନେ ପକାଇଥିଲେ।

### ଘରେ ଘରେ ରଜ ଦୋଳି


ଘରେ ଖେଳୁଛନ୍ତି ରଜଦୋଳି ।

## ପଥରରେ ଛେଚି ହତ୍ୟା ଘଟଣା, ୨ କୋର୍ଟ ଚାଲାଣ

ରାୟଗଡ଼(ଗଜପତି), ୧୪।୬(ଡି.ଏନ୍.ଏ.)

ରାୟଗଡ଼ ଥାନା ଚେରୁ ସାହି ଗ୍ରାମରେ ଶନିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଡ଼ଭାଇର ସଂଘବଦ୍ଧ ଆକ୍ରମଣ ଦ୍ୱାରା ସାନଭାଇକୁ ପଥର ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣାରେ ରାୟଗଡ଼ ପୋଲିସ ସୋମବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାନଗୁଡୁମା ଶବର ଓ ଶିବ ଶବର। ଅନ୍ୟ ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ପାଇଁ ପଠାଯାଇଛି। ଚେରୁସାହି ଗ୍ରାମରେ ଶନିବାର ରାତିରେ ସାନଭାଇ ଲକିନ ଶବରଙ୍କୁ ତାଙ୍କ ବଡ଼ଭାଇ, ପୁତୁରା ଓ ବଡ଼ଭାଇଙ୍କ ଶାଳକ ମିଶି ପଥରରେ ଛେଚି ହତ୍ୟା କରିଥିବା ମୃତକଙ୍କ ସ୍ତ୍ରୀ କାୟାତି ରାୟଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା।

## ଦୁର୍ଦ୍ଧାନ୍ତ ଏଣ୍ଡଲାଙ୍କ ସମେତ ୨ କୋର୍ଟଚାଲାଣ

ବ୍ରହ୍ମପୁର ଅଫିସ,୧୪।୬

ଜଣେ ମହିଳାଙ୍କୁ ଏକାକୀ ଦେଖି ବଳାତ୍କାର ଉଦ୍ଦେଶ୍ୟରେ ତାଙ୍କ ଘରେ ପଶି ଟଣାଓଟରା କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗିରିମାର୍କେଟରେ ରହୁଥିବା ଦୁର୍ଦ୍ଧାନ୍ତ ଅପରାଧୀ ଏଣ୍ଡଲା ଓରଫ ସୁବାସ ନାଇକ (୩୫) ଓ ତାଙ୍କ ଭାଇ ବାଲୁ ନାଇକ (୩୦)। ମାମଲା ନଂ. ୧୧୩/୨୧ରେ ପୋଲିସ ସୋମବାର ଏଣ୍ଡଲା ଓ ବାଲୁଙ୍କୁ କୋର୍ଟ ଚାଲାଣ କରିଥିବା କହିଛି। ଟାଉନ ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ଘର ନିକଟକୁ ଅଭିଯୁକ୍ତ ଦ୍ୱୟ ରବିବାର ସନ୍ଧ୍ୟାରେ ଯାଇଥିଲେ। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ଏଣ୍ଡଲା ତାଙ୍କ ଘରେ ପଶିଥିଲେ। ଏଣ୍ଡଲାଙ୍କ ଭାଇ ଘର ବାହାରେ ଠିଆ ହୋଇଥିଲେ। ଏଣ୍ଡଲା ମହିଳାଙ୍କୁ ବଳାତ୍କାର କରିବାକୁ ଯାଇ ଟଣାଓଟରା କରିବା ସହ ଦୁର୍ବ୍ୟବହାର କରିଥିଲେ। ଶେଷରେ ମହିଳା ଜଣଙ୍କ ଏହାର ପ୍ରତିବାଦ କରିବା ସହ ଚିତ୍କାର କରିଥିଲେ। ପରେ ମହିଳାଙ୍କ ଘରେ ଥିବା ଆସବାବପତ୍ରଗୁଡ଼ିକୁ ଏଣ୍ଡଲା ପିଙ୍ଗା ଫୋପଡା କରିବା ସହ ପୀଡ଼ିତାଙ୍କୁ ଧମକଚମକ ଦେଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ଅଞ୍ଚଳ ଲୋକେ ସେଠାରେ ଜମା ହୋଇଯିବାରୁ ଏଣ୍ଡଲା ଓ ତାଙ୍କ ଭାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ପୀଡ଼ିତାଙ୍କ ସ୍ୱାମୀ ରାତିରେ ଘରକୁ ଫେରିବା ପରେ ଉଭୟେ ଏନେଇ ଥାନାରେ ଅଭିଯୋଗ କରିଥିଲେ ବୋଲି ପୋଲିସ କହିଛି।

## ବିଶ୍ୱ ରକ୍ତଦାତା ଦିବସ, କରୋନା ସଚେତନତା

ଛତ୍ରପୁର,୧୪।୬(ଡି.ଏନ୍.ଏ.)

ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଡା. ଜ୍ଞାନେନ୍ଦ୍ର କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ନୋଳିଆ ନୂଆଗାଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଅଧିନସ୍ଥ ଚିକଲଖଣ୍ଡି ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଓ ନରେନ୍ଦ୍ରପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପ୍ରାଙ୍ଗଣରେ ସଭା ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍, ସୁପରଭାଇଜର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ ସଭା ଆୟୋଜନ କରି ରକ୍ତଦାନର ମହତ୍ତ୍ୱ ଓ ରକ୍ତର ପ୍ରକାର ଉପରେ ଆଲୋଚନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ବେହେରା ଓ କ୍ରିଷ୍ଣା ଚନ୍ଦ୍ର ଜେନା ସଭାରେ ସହଯୋଗ କରିଥିଲେ। ଏଥିସହ ଛତ୍ରପୁର ବ୍ଲକ ଅନ୍ତର୍ଗତ ସମସ୍ତ ଗାଁ କଲ୍ୟାଣ ସମିତି ପକ୍ଷରୁ ସଚେତନତା ଶୋଭାଯାତ୍ରା, ମାସ୍କ ବଣ୍ଟନ, ହାତ ଧୋଇବା ବିଧି ଶିଖାଯିବା ସହ ଘର ଘର ବୁଲି ବିଶୋଧନ କରାଯାଇଛି।


ସଚେତନତା ସଭା।

## ଗରିବଙ୍କୁ ପୂର୍ବତନ କର୍ପୋରେଟରଙ୍କ ସହାୟତା

ବ୍ରହ୍ମପୁର ଅଫିସ୍,୧୩।୬

ବ୍ରହ୍ମପୁର ମହାନଗର ନିଗମ ୪ ନଂ. ୱାର୍ଡ ପୂର୍ବତନ କର୍ପୋରେଟରଙ୍କ ପକ୍ଷରୁ ରବିବାର କାର୍ଯ୍ୟରତ ସଫେଇ କର୍ମଚାରୀ ଓ କିଛି ଅସହାୟ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଧାନମେରା ସାହିଠାରେ ଥିବା ଗାନ୍ଧୀ ମଣ୍ଡପଠାରେ ପୂର୍ବତନ କର୍ପୋରେଟର ଅନିଲ କୁମାର ନାୟକଙ୍କ ପକ୍ଷରୁ ୮୦ ଜଣଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିମଧ୍ୟରେ ୨୫ କିଲୋ ଚାଉଳ, ଡାଲି ଭଳି ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ସଞ୍ଜିତ ପାଣିଗ୍ରାହୀ, ବନମାଳୀ ସେଠୀ, ପୂର୍ଣ୍ଣ ଚନ୍ଦ୍ର ଦାଶ, ଲକ୍ଷ୍ମୀ ପାଢୀ ଏବଂ ଆଇନଜୀବୀ ସୁଶାନ୍ତ ନାୟକ ଓ ସତ୍ୟ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି।

### ୩୭ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ଆର.ଉଦୟଗିରି,୧୪।୬(ଡି.ଏନ.ଏ.): ପଶ୍ଚିମବଙ୍ଗ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ସୋମବାର ଆର.ଉଦୟଗିରି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩୭ କିଲୋ ୭୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏକ କାର (ନଂ. ଡବ୍ଲୁ ବି ୦୬- ୬୦୮୩)ରେ ଅଭିଯୁକ୍ତମାନେ ଗଞ୍ଜେଇ ଧରି କୋଲକାତା ଯାଉଥିଲେ। ପୋଲିସ ପାଟ୍ରୋଲିଂ ବେଳେ ସେମାନଙ୍କୁ ଧରିଥିଲା। ଜଣେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ଆର.ଉଦୟଗିରି ଥାନା ଅଧିକାରୀ ରବିନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ତୃତୀୟ ଲୋକ କଳା ଦିବସ

ବ୍ରହ୍ମପୁର ଅଫିସ,୧୪।୬

ଦକ୍ଷିଣ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ଭିଡିଓ କନ୍‌ଫରେନ୍ସରେ ସୋମବାର ତୃତୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଡା.ତିରୁପତି ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି ତଥା ଲୋକକଳା ଗବେଷକ ମନ୍ମଥ ଶତପଥୀ ଯୋଗ ଦେଇଥିଲେ। ଗଞ୍ଜାମ ଲୋକ କଳା ହିଁ ରାଜ୍ୟର ଗର୍ବ ଓ ଗୌରବର ପ୍ରତୀକ ଏବଂ ଓଡ଼ିଶୀ କଳାର ଜନକ ବୋଲି ମୁଖ୍ୟଅତିଥି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଯାତ୍ରା ଗବେଷକ ଡ. ପଦ୍ମଲୋଚନ ମହାକୁଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଲୋକନାଟ୍ୟ ଗୁରୁ ସନ୍ତୋଷ କୁମାର ପାଢୀ, ଭାରତ କଳା ନିକେତନ ପ୍ରତିଷ୍ଠାତା ଅଧ୍ୟାପକ ଡ.ଗୋପାଳ ମହାରଣା ପ୍ରମୁଖ ଯୋଗ ଦେଇ ନିଜ ନିଜର ଭିତ୍ତି ପ୍ରବନ୍ଧ ପାଠ ଭିତରେ ସମାଜ ସୁଧାର କ୍ଷେତ୍ରରେ ଲୋକ କଳାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିପରି ନାଟ୍ୟକାର ଇନ୍ଦ୍ରମଣି ବାରିକ, ସୁରେନ୍ଦ୍ର କୁମାର ଜେନା, ପଣ୍ଡିତ ଆଚାର୍ଯ୍ୟ ସୀମାଞ୍ଚଳ ଦାଶ ଓ ବରିଷ୍ଠ ଅଭିନେତ୍ରୀ ଗୀତା ସ୍ୱାଇଁ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏଥିସହ ଦକ୍ଷିଣ ଓଡ଼ିଶାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସଙ୍ଗୀତ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ସ୍ୱର ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର କପୁର, ବଳଦେବ ସାହୁ ଓ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଜାନ୍‌ବି ଦେବତା (ଦିବ୍ୟା)
ଦିବ୍ୟା, ତୋର ଆଜି ପଞ୍ଚମ ଜନ୍ମଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଭଗବାନ, ତୋର ଚଲାପଥ କୁସୁମିତ କରନ୍ତୁ, ଏତିକି ହିଁ ଆମ୍ଭର ପ୍ରାର୍ଥନା।
ଶୁଭେଚ୍ଛା ସହ : ଅଜା- ଉପେନ୍ଦ୍ର, ଆଈ- ସୌଦାମିନୀ, ଜେଜେବାପା- ନିତ୍ୟାନନ୍ଦ, ଜେଜେମା- ରାଧିକା, ମାମୁଁ- ଉମାକାନ୍ତ, ପିନ୍ଟୁ, କୃଷ୍ଣା, ବାପା- ବିକାଶ, ମାମା- ପ୍ରଜ୍ଞା, ବଡ଼ବାପା, ବଡ଼ମା, ଭାଇ, ଭଉଣୀ, ମାଉସୀ ଓ ଅନ୍ୟମାନେ
ଧ-୨୦୮୮୯

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ENGG/EE-2021/PET-CT/109 Dated: 14th Jun 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Electrical Wiring Items, Panel & Laying of Cable for Installation of PET-CT and Cyclotron equipment at Hospital Complex, AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**
Sd/-
Executive Engineer (Electrical)
AIIMS, Bhubaneswar

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୧୫ ଜୁନ୍, ୨୦୨୧

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଆସିକା,(ଡି.ଏନ୍.ଏ.):ଗାଙ୍ଗପୁର ଥାନା ଅନ୍ତର୍ଗତ କଣ୍ଟେଇପଲ୍ଲୀ ନିକଟ ବନଦୁର୍ଗା ଜଙ୍ଗଲରୁ ସୋମବାର ସକାଳେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି । ସେ ହେଲେ ଲୁଦୁଲୁଦି ଗ୍ରାମର କୁନି ସ୍ୱାଇଁ । ଗ୍ରାମଠାରୁ ୨ କି.ମି. ଦୂର ଜଙ୍ଗଲରେ ଶାଳ ଗଛରେ ନିଜ ପିନ୍ଧା ଶାଢ଼ୀ ବେକରେ ଅବସ୍ଥାରେ ଥିବା ବେଳେ ଜବତ କରାଯାଇଛି। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ଲାଗି ଭଞ୍ଜନଗର ସରକାରୀ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ.୧୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି।



## ସଂକ୍ଷେପରେ

### ୬୫ ୟୁନିଟ୍ ରକ୍ତ ସଂଗ୍ରହ

ଶେରଗଡ଼,୧୪।୬(ଡି.ଏନ୍.ଏ.): ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀଙ୍କ ସ୍ମୃତିରେ ଶେରଗଡ଼ରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ଇଂଲିଶ୍ ମାଧମିକ ବିଦ୍ୟାଳୟରେ ଆୟୋଜିତ ଶିବିରକୁ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଶୁଭାରମ୍ଭ କରି ଚୌଧୁରୀଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ବରିଷ୍ଠ ନେତା ହୀନ ବେହେରା, ହୃଷୀକେଶ ପାଢ଼ୀ, ଦିଗାମ୍ବର ନାହାକ, ଶଙ୍କର ପୃଷ୍ଟି, ଡେଙ୍ଗାପଦର ସରପଞ୍ଚ ରାମକୃଷ୍ଣ ପଲେଇ, ମାଧବାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚୌଧୁରୀଙ୍କ ସ୍ତ୍ରୀ ସବିତାରାଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ପୂର୍ବତନ ପ୍ରାଧାପକଙ୍କ ବିୟୋଗରେ ଶୋକ

ଭଞ୍ଜନଗର,୧୪।୬(ଡି.ଏନ.ଏ): କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଓଡ଼ିଆ ପ୍ରାଧାପକ ଡ଼.ନିଶାକର ପାଢ଼ୀଙ୍କ ସୋମବାର ସକାଳେ ବିୟୋଗ ଘଟିଛି। ସେ ୧୯୭୪ରୁ ୧୯୯୩ ପର୍ଯ୍ୟନ୍ତ ଭଞ୍ଜନଗର କଲେଜରେ ଥିଲେ। ଏହାପରେ ତାଙ୍କର କଟକ ଜିଲା ବାଙ୍କୀ କଲେଜକୁ ବଦଳି ହୋଇଥିଲା। ସେଠାରେ ସେ ଅବସର ନେଇଥିଲେ। ସେ ବାଙ୍କୀସ୍ଥିତ ନିଜ ଗ୍ରାମରେ ରହୁଥିଲେ। ତାଙ୍କ ବିୟୋଗ ଖବର ଭଞ୍ଜନଗରରେ ପହଞ୍ଚିବା ପରେ ବହୁ ପୁରାତନ ଛାତ୍ର ଶୋକବ୍ୟକ୍ତ କରିଛନ୍ତି ।

### ବିଶ୍ୱ ରକ୍ତଦାତା ଦିବସ

ଭଞ୍ଜନଗର,୧୪।୬(ଡି.ଏନ୍.ଏ.):ବିଶ୍ୱ ରକ୍ତଦାତା ଦିବସ ଅବସରରେ ସୋମବାର ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କ ପରିସରରେ କେତେଜଣ ଛାତ୍ର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ଯୁବ ରେଡ଼କ୍ରସ ଅଧିକାରୀ ଅଧାପକ ବି.ଗୋବିନ୍ଦ ରାଓ, ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ପରେ ଜିଲା ଯୁବ ରେଡ଼କ୍ରସ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ଉପରେ ଅନ୍‌ଲାଇନରେ ଏକ ଆଲୋଚନାଚକ୍ର ହୋଇଥିଲା।

### ଖବରଦାତାଙ୍କୁ କରୋନା କିଟ୍ ବଣ୍ଟନ

ତୁମୁଡିବନ୍ଧ,୧୪।୬(ଡି.ଏନ୍.ଏ.): ତୁମୁଡ଼ିବନ୍ଧସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ରାଜ୍ୟ ସାହାରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସୋମବାର ସ୍ଥାନୀୟ ବ୍ଲକରେ କାର୍ଯ୍ୟରତ ସମସ୍ତ ଖବରଦାତା ଓ ବିତରକଙ୍କୁ କରୋନା କିଟ୍ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତୁମୁଡ଼ିବନ୍ଧ ବିଡିଓ ରୀନା ପ୍ରଧାନ ଯୋଗ ଦେଇଥିବା ବେଳେ ପ୍ରେସ୍ କ୍ଲବ ସାମ୍ବାଦିକ ସଂଘ ସଭାପତି ପବିତ୍ର ଦିଗାଲ, ବିପ୍ରଚରଣ ମାନସେଟ, ପ୍ରବୀଣ ପଟ୍ଟନାୟକ, ସନ୍ତୋଷ କୁମାର ଦାଶ, ଦିପକ କୁମାର ପରାସେଠ୍, ବାଳକୃଷ୍ଣ ଚର୍ଚ୍ଚି, ମନୁ ପାତ୍ର, ପ୍ରଳୟ ରାୟ ନାୟକ, ଅନୁଗ୍ରହ ନନ୍ଦ, ଅଜିତ ଦିଗାଲ, ସୀମାଞ୍ଚଳ ସାହୁ, ସାମୁଏଲ ନାୟକ ଏବଂ ଧର୍ମପଦ ନାୟକ ପ୍ରମୁଖ ସାମ୍ବାଦିକ ଏବଂ ବିତରକ ଜଗନ୍ନାଥ ସାହୁ ଓ ଜୟଦେବ ମହାରଣା ଉପସ୍ଥିତ ଥିଲେ।

# ଛତ୍ରପୁର ଅଞ୍ଚଳରେ ବଢ଼ୁଛି ବେଆଇନ ଇଟାଭାଟି

ଛତ୍ରପୁର,୧୪।୬(ଡି.ଏନ୍.ଏ.)


ମାଟିଗଦାରେ ନାଲି ପତାକା ଲଗାଯାଇଛି ।

ଗଞ୍ଜାମ ଜିଲା ଛତ୍ରପୁର ତହସିଲ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ବେଆଇନ ଇଟା, ବାଲି, ମାଟି ବେପାର ବୃଦ୍ଧି ପାଉଛି। ସେହିପରି ପୋଟଲାମପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ୧ କି.ମି. ଦୂରରେ ବହୁ ଦିନ ଧରି ବେଆଇନ ଭାବେ ଇଟାଭାଟି ଛତୁ ଫୁଟିଲା ପରି ବଢ଼ି ଚାଲିଛି। ସେଠାକାର ଅଞ୍ଚଳରେ ବେଆଇନ ଭାବେ ଚାଷଜମି ମାଟି ତାଡ଼ି ନେଇଯାଉଛନ୍ତି। ଫଳରେ ଜମିର ଉର୍ବରତା ହ୍ରାସ ପାଉଛି। ରାତିଅଧରେ ଜେସିବି ମେଶିନ ଦ୍ୱାରା ମାଟି ତାଡୁଛନ୍ତି । ଏ ସମ୍ପର୍କରେ ଫଟୋ ସହ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା।
ଅପରପକ୍ଷରେ ଛତ୍ରପୁର ତହସିଲ ପ୍ରଶାସନ ପ୍ରତିକ୍ରିୟାଶୀଳ ହୋଇ ବେଆଇନ ଭାବେ ଗଚ୍ଛିତ ମାଟିଗଦାକୁ ଜବତ କରିବା ସହ ନାଲି ପତାକା ଲଗାଇଥିବା ଦେଖିବାକୁ ମିଳିଛି। ସରକାରୀ ନିୟମ ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରି ଜମି ମାଲିକମାନଙ୍କୁ କେତେକ ପ୍ରଲୋଭନ ଦେଖାଇ ବେଆଇନ ମାଟି ଚାଲାଣ ବୃଦ୍ଧି ପାଉଛି। ଜମିର ୬ ଇଞ୍ଚ ଉର୍ବର ମାଟି ନେବା ପାଇଁ କାହାକୁ ମଧ ଅନୁମତି ନାହିଁ କି ମାଲିକମାନଙ୍କର ମଧ ମାଟି ବାହାର କରିବାର କ୍ଷମତା ନାହିଁ। ସେହି ଅଞ୍ଚଳର ଲୋକଙ୍କ କହିବାନୁସାରେ ୨୦ ବର୍ଷ ପୂର୍ବେ ସେହି ଅଞ୍ଚଳଗୁଡିକର ଜମି ବହୁତ ଉଚ୍ଚା ଥିଲା, କିନ୍ତୁ ବର୍ତ୍ତମାନ ପାଖାପାଖି ୪ ରୁ ୫ ଫୁଟ ଖାଲ ହୋଇଗଲାଣି। ଫଳରେ ଅଳ୍ପ ବନ୍ୟାରେ ରୁଷିକୂଲ୍ୟା ନଦୀ ପାଣି ସହଜରେ ଚାଷଜମିରେ ମାଡ଼ି ଯାଉଛି। କେତେକ ଅଞ୍ଚଳରେ ଜମି ମାଲିକଙ୍କୁ ଭୁଆଁ ବୁଲାଇ ମାଟି ଖାଲ କରି ନେଇଯାଉଛନ୍ତି। ଯାହା ଦ୍ୱାରା ସେହି ଜମିର ଆଖପାଖ ପଡିଶା ଜମିକୁ ମଧ ଖାଲ କରିବାକୁ ବାଧ ହେଉଛନ୍ତି ବୋଲି ଜଣେ ଚାଷୀମାନେ କହିଛନ୍ତି। ଗତ କିଛି ଦିନ ତଳେ ମଧ ତହସିଲ ପ୍ରଶାସନ ପକ୍ଷରୁ ରାସ୍ତା କଡ଼ରେ ଥିବା ବେଆଇନ ବାଲି ଡିପୋଗୁଡ଼ିକୁ ମଧ ରଙ୍ଗ ବାନା ମରାଯାଇଥିଲା। ତେବେ ଉଭୟ ଘଟଣାରେ ତହସିଲ ପ୍ରଶାସନ ନାଲି ପତାକା ପୋତି ନୀରବ ବସିଛି । ଦୀର୍ଘ ଦିନ ହେଲା ଏପରି ବେଆଇନ ବାଲି କାରବାର ସହ ମାଟି ତାଡି ଆଣି ଇଟା ପ୍ରସ୍ତୁତ ହେଉଛି।

# ଗଞ୍ଜାମରେ କରୋନା ମୃତ୍ୟୁ ୩୦୦ ଛୁଇଁଲା

ଛତ୍ରପୁର,୧୪।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା କମିବାରେ ଲାଗିଛି । କରୋନାରୁ ଆରୋଗ୍ୟଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି। ଜିଲା ଏବେ ଗ୍ରୀନ୍ ଜୋନ୍‌ରେ ରହିଛି। ଏଥିପାଇଁ ଜିଲାବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ଥମୁନି । ପୁଣି ଜଣେ କରୋନା ଆକ୍ରାନ୍ତଙ୍କ ଜୀବନ ଯାଇଥିବା ସୋମବାର ସୂଚନା ମିଳିଛି। ଏହାକୁ ମିଶାଇଲେ ଜିଲାରେ ଏ ପର୍ଯ୍ୟନ୍ତ ୩୦୦ ଜଣଙ୍କ ମତ୍ୟୁ ହେଲାଣି। ସେଥିମଧ୍ୟରୁ ଦ୍ୱିତୀୟ ଲହରରେ ୫୨ ଜଣଙ୍କ ମୃତ୍ୟୁ ହୋଇଛି। ସୋମବାର ଜିଲା ପ୍ରଶାସନ ଦେଇଥିବା ସୂଚନା ଅନୁସାରେ ଜିଲାର ୩୧୫୫ ଗାଁ ମଧ୍ୟରୁ ୨୯୭୦ଟି ଗାଁ ଗ୍ରୀନ୍ ଜୋନ୍‌ରେ ରହିଥିବାବେଳେ ୧୮୫ଟି ଗାଁ ରେଡ୍ ଜୋନ୍‌ରେ ଅଛି। ଗ୍ରାମାଞ୍ଚଳରେ ୨୧ଟି କଣ୍ଟେନମେଣ୍ଟ ଜୋନ୍ ରହିଛି। ଜିଲାର ୫୦୩ ପଞ୍ଚାୟତ ମଧ୍ୟରୁ ୩୨୪ ପଞ୍ଚାୟତ ସମ୍ପୂର୍ଣ୍ଣ ଗ୍ରୀନ୍ ଜୋନ୍‌ରେ ରହିଛି। ଏଠାରେ ୩୩୯ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି। ସେହିପରି ଜିଲାର ୧୮ ସହରାଞ୍ଚଳର ୨୮୦ ୱାର୍ଡ ମଧ୍ୟରୁ ୨୨୨ ଟି ୱାର୍ଡ ଗ୍ରୀନ୍ ଜୋନ୍‌ରେ ରହିଥିବାବେଳେ ୫୮ ଟି ୱାର୍ଡ ରେଡ୍ ଜୋନ୍‌ରେ ରହିଛି । ସହରାଞ୍ଚଳରେ ୧୩୫ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି।

# ଜାତୀୟ କବିତା ପାଠୋତ୍ସବ

ଭଞ୍ଜନଗର,୧୪।୬(ଡି.ଏନ୍.ଏ.)

ଭଞ୍ଜନଗର ଘୁମୁସର ସାହିତ୍ୟ ସଂସଦ ପକ୍ଷରୁ ଏକ ଜାତୀୟ କବିତା ପାଠୋତ୍ସବ ରବିବାର ଅନ୍‌ଲାଇନରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ତଥା ବରିଷ୍ଠ ଲେଖକ ରାଜେନ୍ଦ୍ର କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଡ଼.ଫନୀ ମହାନ୍ତି ମୁଖ୍ୟ ଅତିଥି ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଭାପତି ହୃଷୀକେଶ ମଲ୍ଲିକ, କବି ଅମରେନ୍ଦ୍ର ଖଟୁଆ, ସୌଭାଗ୍ୟବନ୍ତ ମହାରଣା, ପୀତାମ୍ବର ତରାଇ, କବୟିତ୍ରୀ ମମତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ କବୟିତ୍ରୀ, କବି ଭାଗନେଇ କବିତା ପାଠ କରିଥିଲେ । ସଭାପତି ସୋମନାଥ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧାପିକା ସୁଜତା ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଡ଼. ଲକ୍ଷ୍ମୀ ନାରାୟଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ଼.ପ୍ରଣବାନନ୍ଦ ପାଟଯୋଶୀ ବିବରଣୀ ପାଠ କରିଥିଲେ । ଉପ ସଭାପତି ଅମୀୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଲୋକକଳା ଦିବସ

ଛତ୍ରପୁର,୧୪।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ସୋମବାର ତୃତୀୟ ଲୋକକଳା ଦିବସ ପାଳନ ଅବସରରେ ଏକ ୱେବିନାର ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂସ୍କୃତି ବିଭାଗର ପୂର୍ବତନ ସହକାରୀ ନିର୍ଦ୍ଦେଶକ ଡ. ପ୍ରତାପ କୁମାର ସାହାଣୀ ଓ କୃଷ୍ଣଚନ୍ଦ୍ର ନିଶଙ୍କ ଏଥିରେ ଯୋଗଦେଇ କଳା ଓ ସଂସ୍କୃତିର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପ୍ରତିଜିଲାରେ ଲୋକକଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ପାଇଁ ଗଞ୍ଜାମ ଜିଲା କଳାସଂସ୍କୃତି ସଂଘ ଉପସଭାପତି ସନ୍ତୋଷ କୁମାର ପାଢ଼ୀ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସରକାର ଏହାକୁ ଗ୍ରହଣ କରିଥିବା ସେ ସୂଚନା ଦେଇଛନ୍ତି। ଜିଲା ସଂସ୍କୃତି କାର୍ଯ୍ୟାଳୟ, ଜିଲା କଳା ଓ ସଂସ୍କୃତି ସଂଘ, ବ୍ଲକ କଳା ଓ ସଂସ୍କୃତି ସଂଘ ଏବଂ ନଗର କଳା ଓ ସଂସ୍କୃତି ସଂଘର କଳାକାର, ଉପସଭାପତି ଓ କର୍ମକର୍ତ୍ତା ୱେବିନାରରେ ସାମିଲ ହୋଇଥିଲେ। ଜିଲା ଗ୍ରନ୍ଥାଗାରିକ ଅମୀୟ କୁମାର ଧଳ ଧନ୍ୟବାଦ ଦେଇଥିଲେ। ଭଞ୍ଜନଗର ବ୍ଲକ କଳା ଓ ସଂସ୍କୃତି ସଂଘ ଉପସଭାପତି ଜଗଦୀଶ ପାଣିଗ୍ରାହୀ, ଜଗନ୍ନାଥପ୍ରସାଦ ବ୍ଲକ ଉପସଭାପତି ପ୍ରଦୀପ କୁମାର ଭୂୟାଁ, ପୁରୁଷୋତ୍ତମପୁର ବ୍ଲକର ଉପସଭାପତି ବଳରାମ ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଜିଲା ସଦସ୍ୟ ଆଲୋକ ବିଷୋୟୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ସରକାର ଜିଲାର କଳାକାରମାନଙ୍କ ଭତ୍ତା ଆଗୁଆ ୩ ମାସ ତଥା ଚଳିତମାସ ପର୍ଯ୍ୟନ୍ତ ପ୍ରଦାନ କରିଛନ୍ତି ବୋଲି ଜିଲା ସଂସ୍କୃତି ଅଧିକାରୀ ସେଠୀ କହିଥିଲେ। କଳାକାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ରାଜ୍ୟ ସଂସ୍କୃତି ବିଭାଗର ଦୃଷ୍ଟି ଆକର୍ଷଣ କରିବେ ବୋଲି ଜଣାଇଥିଲେ । ଜିଲା ସଂସ୍କୃତି କାର୍ଯ୍ୟାଳୟର କେଶବ ବେହେରା, ଗ୍ରନ୍ଥାଗାରିକ ଅଶୋକ କୁମାର ମିଶ୍ର , ଆନନ୍ଦ କୁମାର ରାଉତ, ଜଗନ୍ନାଥ ସାବତ ଓ ଚନ୍ଦ୍ର ଶେଖର ଆଚାର୍ଯ୍ୟ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

## କାର୍ଯ୍ୟରେ ଅବହେଳା, ପ୍ରଧାନ ଶିକ୍ଷକ ନିଲମ୍ବିତ

ପାରଳାଖେମୁଣ୍ଡି,୧୪।୬(ଡି.ଏନ୍.ଏ.)

କାର୍ଯ୍ୟରେ ଅବହେଳା ସହ ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିବାରୁ ରାୟଗଡ଼ ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ବଡରଇତଙ୍କୁ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କ ନିର୍ଦ୍ଦେଶାନୁସାରେ ବିଇଓ ମନୋରଞ୍ଜନ ସେଠୀ ନିଲମ୍ବିତ କରିଛନ୍ତି। ଗଜପତି ଜିଲାରେ ଅନେକ ଛାତ୍ର ଭାରତୀୟ ସେନାରେ ଯୋଗଦାନ କରିବା ପାଇଁ ଆବେଦନ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ କିଛି ଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମାର୍କଶିଟ ଏବଂ ସାର୍ଟିଫିକେଟ ଯାଞ୍ଚ ପାଇଁ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ସେନା କାର୍ଯ୍ୟାଳୟରୁ ଆସିଥିଲା। ଯାଞ୍ଚ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ପାଇଁ ବିଭିନ୍ନ ବ୍ଲକ ଶିକ୍ଷାଧିକାରୀଙ୍କୁ ଦିଆଯାଇଥିଲା। ବିଇଓମାନେ ସିଆର୍‌ସିଙ୍କ ଜରିଆରେ ପ୍ରଧାନ ଶିକ୍ଷକଙ୍କ ପାଖକୁ ଉକ୍ତ ନିର୍ଦ୍ଦେଶକୁ ପହଞ୍ଚାଇଥିଲେ। ହେଲେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସମୟ ସୀମା ମଧ୍ୟରେ ଲକ୍ଷ୍ମୀପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାର୍ଟିଫିକେଟ ଯାଞ୍ଚ କରି ନ ଥିଲେ। ଏଥିରେ ଗୋଟିଏ ଛାତ୍ରର ଭବିଷ୍ୟତ ରହୁଥିବାରୁ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ପ୍ରତ୍ୟାହାର ହେବା ପର୍ଯ୍ୟନ୍ତ ରାୟଗଡ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ସେଠୀ କହିଛନ୍ତି।

# କରୋନା ଟିକା ନେବାକୁ ଅମଙ୍ଗ


ଜଣେ ବ୍ୟକ୍ତିଙ୍କୁ ଟିକା ନେବା ପାଇଁ ବୁଝାଯାଉଛି ।

ସୋରଡା,୧୪।୬(ଡି.ଏନ୍.ଏ.)

ସୋରଡ଼ା ବ୍ଲକର ୨୬ ପଞ୍ଚାୟତରେ ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମ ରହିଥିବା ବେଳେ ସେଥିମଧ୍ୟରୁ ଅର୍ଦ୍ଧାଧିକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଡାକ୍ତର, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡ଼ି କର୍ମୀମାନେ ଗାଁକୁ ଗାଁ ଯାଇ ଲୋକଙ୍କୁ ଟିକା ନେବାକୁ ଅନୁରୋଧ କଲେ ମଧ ଲୋକେ ବୁଝିବାକୁ ନାରାଜ। ଉପାନ୍ତ ଜଙ୍ଗଲଘେରା ଅଞ୍ଚଳ କଥା ଅଲଗା। ଖୋଦ୍ ସୋରଡ଼ା ସହରଠାରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ଅମୃତୁଲୁ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ନାକେଦମ ହୋଇଛନ୍ତି। ଜଣେ ଚାଷୀକୁ ଟିକା ପାଇଁ କହିବା ବେଳେ ସେ କହିଥିଲେ ମତେ ତ କିଛି ହୋଇନି, ଟିକା ନେଲେ ଯଦି କିଛି ହୋଇଯାଏ ଆପଣ ଦାୟୀ ରହିବେ କି? ମୁଁ ଚାଷ କରି ପେଟ ପୋଷୁଛି, ଜ୍ୱର ହେଲେ ମୋ ପରିବାର କଥା କିଏ ବୁଝିବ। ଏପରି କ୍ଷେତ୍ରରେ ଗ୍ରାମାଞ୍ଚଳରେ ଟିକାକରଣ ସମସ୍ୟା ଦେଖାଯାଇଛି। ଗ୍ରାମାଞ୍ଚଳର ଶିକ୍ଷିତ ଯୁବକ, ନେତୃ ସ୍ଥାନୀୟ ବ୍ୟକ୍ତି, ଲୋକ ପ୍ରତିନିଧିମାନେ ସଚେତନ କରିବା ପାଇଁ ଅଣ୍ଟା ଭିଡିଲେ ଟିକାକରଣ ସଫଳ ହେବା ଆଶା କରାଯାଉଛି।

# ଫାର୍ମାସିଷ୍ଟଙ୍କ କଳା ବ୍ୟାଜ୍ ପରିଧାନ

ଖଜୁରିପଡ଼ା/ବଲସକୁମ୍ପା/ଜଗନ୍ନାଥପ୍ରସାଦ,୧୪।୬(ଡି.ଏନ.ଏ.)


ଜଗନ୍ନାଥପ୍ରସାଦ ଅଞ୍ଚଳରେ ଫାର୍ମାସିଷ୍ଟଙ୍କ କଳା ବ୍ୟାଜ୍ ପରିଧାନ।

ବିଭିନ୍ନ ଦାବି ନେଇ ଗତ ୧୦ ତାରିଖରୁ ରାଜ୍ୟର ସମସ୍ତ ଫାର୍ମାସିଷ୍ଟ କଳା ବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି। ଦାବି ପୂରଣ ନେଇ ସଂଘ ତରଫରୁ ବିକ୍ଷୋଭ କରାଯାଇଥିଲେ ସୁଦ୍ଧା ସରକାର କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହେଉଛି। ତେଣୁ ସରକାର ଏଥିପ୍ରତି କୌଣସି ପଦକ୍ଷେପ ନ ନେଲେ ଆସନ୍ତା ୨୦ରୁ କେବଳ ଔଷଧ ବିତରଣ କାର୍ଯ୍ୟ ଛଡ଼ା ଅନ୍ୟ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ଫାର୍ମାସିଷ୍ଟ ସଂଘ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ବାରୀକୁମ୍ପା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ବିଭୂତି ଭୂଷଣ ସାହୁ ଓ ଖଜୁରିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ସଞ୍ଜୀବ କୁମାର ପଟ୍ଟନାୟକ ଓ ଫଗୁ ଚରଣ ସେଠୀ କଳା ବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଜଗନ୍ନାଥପ୍ରସାଦ ବ୍ଲକ ଅଧୀନରେ ଥିବା ୫ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଚିତ୍ରସେନ ନାୟକ, କୃତ୍ତିବାସ ନାୟକ, ରାମନାଥ ମୋହିନୀ, ଶିବରାମ ପ୍ରଧାନ, ପ୍ରତାପ କୁମାର ନାୟକ, ଅଜିତ କୁମାର ବେହେରା, ମଳୟ ପ୍ରଧାନ ୫ ଦିନ ଧରି କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଛନ୍ତି।

## ୪ ଗୋରୁ ବୋଝେଇ ଗାଡ଼ି ଜବତ

ଚିକିଟି,୧୪।୬(ଡି.ଏନ.ଏ.)

କେ.ନୂଆଗାଁ ପୋଲିସ ସୋମବାର ସକାଳେ ପାଟ୍ରୋଲିଂ ବେଳେ ଥାନା ଛକ ନିକଟରୁ ୪ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ଚିକିଟି ସମେତ ଆଖପାଖ ଗ୍ରାମାଞ୍ଚଳରୁ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ଗୋରୁ କିଣି ୪ ପିକ୍‌ଅପ୍‌ରେ ଆନ୍ଧ୍ର ଅଭିମୁଖେ ଯାଉଥିବା ବେଳେ କେ.ନୂଆଗାଁ ଥାନା ଛକ ନିକଟରେ ପୋଲିସ ଧରିଥିଲା। ବିଭିନ୍ନ ଅଞ୍ଚଳରୁ କିଣି ଆଣିଥିବା ଗୋରୁଙ୍କୁ ନିଜ ମାଲିକଙ୍କ ଜିମା ଦେବା ସହିତ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଏ ନେଇ ନଂ. ୧୨୦/୨୧ରେ ମାମଲା ରୁଜୁ କରାଯାଇଛି।

# ଶିକ୍ଷକଙ୍କ ବିୟୋଗରେ ଶୋକସଭା

ବୁଗୁଡ଼ା,୧୪।୬(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଉଦୟପୁର ପ୍ରାଥମିକ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକଙ୍କ ବିୟୋଗରେ ସୋମବାର ବୁଗୁଡ଼ା ସଂସ୍କୃତ ଟୋଲ ପରିସରରେ ସ୍ଥାନୀୟ ଏକ୍ସ କ୍ୟାଡର ଶିକ୍ଷକ ସଂଘ ତରଫରୁ ସଭାପତି ପୀତବାସ ସାହୁଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପୀତବାସ ସାହୁଙ୍କ ନେତୃତ୍ୱରେ ଏକ୍ସ କ୍ୟାଡର ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ମୃତକଙ୍କ ପରିବାରକୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସେହିପରି ବ୍ଲକ ଏନ୍‌ପିଏସ୍ ସଂଘ ତରଫରୁ ସଭାପତି ସୁରେନ୍ଦ୍ର ଜେନାଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ୫ ହଜାର ଟଙ୍କା ସହାୟତା ଦେଇଥିଲେ। ସେହିପରି ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ବୁଗୁଡ଼ା ନଗର ବିଜେଡି ସଭାପତି ରାଜେନ୍ଦ୍ର କୁମାର ପାଢ଼ୀଙ୍କ ବିୟୋଗରେ ଅନୁଷ୍ଠିତ ଶୋକସଭାରେ ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ପୌରୋହିତ୍ୟ କରିଥିଲେ। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବିଜେଡି ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ଗଞ୍ଜାମ ଜିଲା ସମ୍ପାଦକ ଜଗନ୍ନାଥ ସାବତ ଓ ଯୋଗୀ ସ୍ୱାଇଁ, ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ ପଣ୍ଡା ଏବଂ ପୋଲସରା ବ୍ଲକ ଉପାଧକ୍ଷା ସଂଯୁକ୍ତା ବାଡ଼ତ୍ୟା ପ୍ରମୁଖ ଯୋଗଦେଇ ଦିବଂଗତ ରାଜେନ୍ଦ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଏଥିସହ ପରଲୋକଗତ ରାଜେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପ୍ରେରିତ ମୁଖ୍ୟମନ୍ତ୍ରୀଙ୍କ ଶୋକ ବାର୍ତ୍ତାକୁ ପଠନ କରାଯାଇଥିଲା।

# ଆଞ୍ଚଳିକ ଉନ୍ନୟନ କମିଟିର ବୈଠକ

ନୂଆଗଡ଼,୧୪।୬

ନୂଆଗଡ଼ ଗ୍ରାମପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଆଞ୍ଚଳିକ ଉନ୍ନୟନ କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସୁବାରାଓ ଗାନାୟକ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳର ରହିଥିବା ବିଭିନ୍ନ ସମସ୍ୟା ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଞ୍ଚଳିକ ଉନ୍ନୟନ କମିଟି ଜିଲାପାଳଙ୍କୁ ଏହି ସମସ୍ୟା ଜଣାଇବା ପରେ ୭ଦିନ ମଧ୍ୟରେ ଉଚିତ ପଦକ୍ଷେପ ନିଆ ନ ଗଲେ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ବନ୍ଦ କରି ଅନଶନରେ ବସିବା ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଉକ୍ତ ବୈଠକରେ ଅଧକ୍ଷା ଗୁଡ଼ବାଇ ମଣ୍ଡଳ, ଅଞ୍ଚଳର ୪ ପଞ୍ଚାୟତର ସରପଞ୍ଚ ମୀନ ମଣ୍ଡଳ, ରବୀନ୍ଦ୍ର ଭୂୟାଁ, ସୁବାସ ଶବର ଓ ଲବିନ ରଇତ, ବ୍ଲକ କଂଗ୍ରେସ ସଭାପତି ଜାକୁବ ରାଇକା, ଭାଜପା ଜିଲା ସମ୍ପାଦକ ମନୋଜ କୁମାର ପାଇକ, ଶିକ୍ଷକ ଉଦିତ ଦେଶୀ ନାୟକ ତଥା ଅଞ୍ଚଳର ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ମୁରୁଡୁମାହାରେ ପାନୀୟ ଜଳ ସମସ୍ୟା

ତୁମୁଡ଼ିବନ୍ଧ,୧୪।୬(ଡି.ଏନ.ଏ.)


ଖରାପ ହୋଇଥିବା ସୌର ହ୍ୟାଣ୍ଡପମ୍ପ ।

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ କରୁକୁଡୁପା ପଞ୍ଚାୟତ ମୁରୁଡୁମାହା ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଦୁଇବର୍ଷ ହେବ ନଳକୂପରେ ସଂଯୋଗ ହୋଇଥିବା ସୌର ହ୍ୟାଣ୍ଡପମ୍ପ ଖରାପ ହୋଇଥିବା ନେଇ ବହୁବାର ଅଭିଯୋଗ କରାଗଲେ ମଧ ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।
ମୁରୁଡୁମାହା ଗ୍ରାମରେ ଥିବା ୫ପଡ଼ା ଯଥା ଉଦୁଲାପଡ଼ା, ମଝିସାହି, ମାଡ଼ିଙ୍ଗପଡ଼ା, ସାନ୍ଦିପଡ଼ା ଓ କପେଲପଡ଼ାର ଜନସଂଖ୍ୟା ୩୫୦ରୁ ଊର୍ଦ୍ଧ୍ୱ । ୫ ପଡ଼ାରେ ଥିବା ୪ ଟି ନଳକୂପ ଥିବା ବେଳେ ସେଥିରୁ ଗୋଟିଏ ଅଚଳ ହୋଇପଡ଼ିଥିବା ବେଳେ ଗୋଟିଏରୁ ଗୋଳିଆ ପାଣି ବାହାରୁଛି। ଗୋଟିକରେ ସୌର ହ୍ୟାଣ୍ଡପମ୍ପ ସଂଯୋଗ ହୋଇଥିଲେ ମଧ ତାହା ୨ ବର୍ଷ ହେବ ଖରାପ ହୋଇଛି। କେବଳ ଗୋଟିଏ ନଳକୂପରୁ ହିଁ ଭଲ ପାଣି ବାହାରୁଛି। ଯାହାକି ଗ୍ରାମବାସୀଙ୍କୁ ପାଣି ଯୋଗାଇବାରେ ସକ୍ଷମ ହୋଇପାରୁନାହିଁ। ଗ୍ରାମବାସୀଙ୍କ କହିବାନୁସାରେ ସୌର ହ୍ୟାଣ୍ଡପମ୍ପର ମୋଟର ଖରାପ ହୋଇଛି। ଏ ବାବଦରେ ବାରମ୍ବାର ଲିଖିତ ଅଭିଯୋଗ ସହିତ ପଞ୍ଚାୟତ ଓ ସମିତି ବୈଠକରେ ଅଭିଯୋଗ କଲେ ମଧ ସୁଫଳ ମିଳୁ ନଥିବା ସମିତିସଭ୍ୟା ରିଞ୍ଜା ମଲିକ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଲାଲୁ କଜୁରୁଙ୍କୁ ପଚାରିବାରୁ ସେ କହିଛନ୍ତି, ଗତବର୍ଷ ଉକ୍ତ ସୌର ହ୍ୟାଣ୍ଡପମ୍ପ କରିଥିବା କମ୍ପାନୀ ୫ ବର୍ଷ ପଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା କଥା। କମ୍ପାନୀ ଏଥିରେ ଖିଲାପ କରଥିବା ନେଇ ସରକାରଙ୍କୁ ଅବଗତ କରାଯାଇଛି। ତୁରନ୍ତ ଗ୍ରାମର ପାନୀୟ ଜଳ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଭାଜପାରେ ମିଶିଲେ ୨୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ

ପାରଳାଖେମୁଣ୍ଡି,୧୪।୬(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ମାଛମରା ପଞ୍ଚାୟତ ରାଜପୁର ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ବିଜେଡି ନେତା ଓ କର୍ମୀ ସୋମବାର ଜିଲା ଭାଜପା କାର୍ଯ୍ୟାଳୟକୁ ଆସି ଭାଜପାରେ ଯୋଗଦେଇଥିଲେ। ବିଜେଡି ଜିଲା ସମ୍ପାଦକ ତଥା ରାଜପୁର ଗ୍ରାମର ୱାର୍ଡମେମ୍ବର ଜଗନ୍ନାଥ ପରିଡ଼ାଙ୍କ ନେତୃତ୍ୱରେ ସେହି ଗ୍ରାମର ଅଭିମନ୍ୟୁ ସାମଲ, ହରିଶ୍ଚନ୍ଦ୍ର ପରିଡ଼ା, ଦାମୋଦର ପ୍ରଧାନ, ଭୁବନୀ ପ୍ରଧାନ, ରାଜେଶ ପରିଡ଼ା, ପି. ଶ୍ରୀନୁ ଓ ଅନ୍ୟାନ୍ୟ ପ୍ରମୁଖ ବିଜେଡିରୁ ଭାଜପାରେ ଯୋଗ ଦେଇଥିଲେ। ଜିଲା ଭାଜପା ସଭାପତି ତଥା ବିଧାୟକ କେ. ନାରାୟଣ ରାଓ ସେମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ଶ୍ରୀଧର ନାଇଡୁ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ପି. ଲତା, ପୂର୍ବତନ ଗୋଷାଣୀ ବ୍ଲକ ଅଧକ୍ଷା ଜେ.ଭାରତୀ, ପୂର୍ବତନ ନଗରପାଳ ତଥା ଦଳ ସମ୍ପାଦକ ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ କୁମୁଟିପଙ୍କଲବାସୀ

ପାରଳାଖେମୁଣ୍ଡି,୧୪।୬(ଡି.ଏନ୍.ଏ.)


କୁମୁଟିପଙ୍କଲ ଗାଁ।

ଗାଁର ବିକାଶରୁ ହିଁ ଦେଶର ବିକାଶ ସମ୍ଭବ। ବିକାଶ ତ ଦୂରର କଥା, ବର୍ଷ ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି କୁମୁଟିପଙ୍କଲବାସୀ। ଗଜପତି ଜିଲାର ଆର.ଉଦୟଗିରି ବ୍ଲକ ପୁରୁଣାପଣି ପଞ୍ଚାୟତ କୁମୁଟିପଙ୍କଲ ଗ୍ରାମ ଛୋଟ ହୋଇଥିଲେ ମଧ ଜନସଂଖ୍ୟା ୧୦୦ରୁ ଊର୍ଦ୍ଧ୍ୱ ରହିଛି। ହେଲେ ଏହି ଗ୍ରାମକୁ ନା ଅଛି ସଡ଼କ ନା ମୌଳିକ ସୁବିଧା। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁ ବିପର୍ଯ୍ୟସ୍ତ। ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସୁବିଧା ହୋଇପାରିନାହିଁ। ବିଭିନ୍ନ ସମସ୍ୟା ଥିଲେ ମଧ କୌଣସି ନେତା କି ସରକାରୀ କର୍ମଚାରୀଙ୍କ ପାଦ ପଡ଼ିନାହିଁ ଉକ୍ତ ଗାଁରେ। କେବଳ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଭୋଟ ପାଇଁ ପ୍ରାର୍ଥୀଙ୍କ ପାଦ ପଡିଥାଏ। ଗ୍ରାମର ଲୋକେ ସେମିତି ଅନ୍ଧାରରେ ଜୀବନଯାପନ କରୁଛନ୍ତି । ସେପଟେ ପକ୍କା ସଡ଼କଟିଏ ମଧ ହୋଇପାରି ନାହିଁ। ପାନୀୟ ଜଳ କହିଲେ ଝରଣା ପାଣି ହିଁ ଭରସା। ଝରଣା ଶୁଖିଗଲେ ଭଗବାନ୍ ହିଁ ସାହା ଏମାନଙ୍କୁ। ଯେକୌଣସି ଜରୁରୀ କାମ ପାଇଁ ୨୫ କିମି ଦୂର ଗଞ୍ଜାମ ଜିଲା ଦିଗପହଣ୍ଡି ଯିବାକୁ ପଡ଼ିଥାଏ। ଗ୍ରାମରେ ଗୋଟିଏ ସରକାରୀ ସ୍କୁଲ ଏବଂ ଗୋଟିଏ ଅଙ୍ଗନୱାଡି ସ୍କୁଲ ରହିଛି। କିନ୍ତୁ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ଆସୁ ନ ଥିବାରୁ ଗ୍ରାମରେ ପ୍ରାୟ ସମସ୍ତେ ଅଶିକ୍ଷିତ। ଦିନେ ମଧ ଏହି ଗ୍ରାମକୁ ଭ୍ରମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ନାହିଁ । ସରକାର ଚାହିଁଲେ ଅବସ୍ଥା ବଦଳିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଗଜପତି ଜିଲାପାଳ ଅନୁପମ ସାହାଙ୍କୁ ପଚାରିବାରୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଏକ ଟିମ କୁମୁଟିପଙ୍କଲ ଗ୍ରାମକୁ ପଠାଯିବ ଏବଂ ପିଲାମାନଙ୍କ ଶିକ୍ଷା ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

